ଭୀଷ୍ମଙ୍କ ମୁଖରୁ ପଣ୍ଡୁଙ୍କ ମୃତ୍ୟୁ ବାର୍ତ୍ତା ଶୁଣି ଧୃତରାଷ୍ଟ୍ରଙ୍କ ଶୋକ

ତୁମ୍ଭେ ଯେ ଗଲ ଶତଶିଂଗ ପର୍ବତକୁ
ତୁଲେ କିଂ‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌‌ ନ ଆଣିଲ ପଣ୍ଡୁ ଯେ ରାଜାଙ୍କୁ । ୧ ।
ଭୀଷ୍ମେ ବୋଇଲେ ସେ ତହିଂରେ ରହିଲା
ଶତଶିଂଗ ପର୍ବତକୁ ବୋଲି ତାକୁ ଦଇବ ସ୍ରିଜିଲା । ୨ ।
ଆମ୍ଭେ ୟେହିକ୍ଷଣି ବାହୁଡିଣ ଯିବୁ
ପୁଅନ୍ତ ନେଇ ତାର ଶତଶିଂଗେ ଦେବୁ । ୩ ।
ଭୀଷ୍ମଙ୍କ ତହୁଂ ଶୁଣି ପଣ୍ଡୁର କୁମାରେ
ଲାଟ ଖେଳୁଥିଲେ ଦ୍ରିଯୋଧନ ସଙ୍ଗତରେ । ୪ ।
ବାରତା ପାଇଣ ସେ ଅଇଲେକ ବାଳେ
ଦେଖିଣ ଭୀଷ୍ମ ପୁଅଙ୍କୁ ଧଇଲେକ କୋଳେ । ୫ ।
ଯୁଝେଷ୍ଠି ଭୀମ ଯେ ଅର୍ଜୁନ ନକୁଳ
ଦେଖିଣ ଗାଙ୍ଗେବ ନୟନୁଂ ବହେ ଅଶ୍ରୁଜଳ । ୬ ।
ଅନେକ କରି ପଚାରନ୍ତି ଧୃତରାଷ୍ଟେ
ଭୀଷ୍ମେ କହିଣ ନ ପାରନ୍ତି କ୍ରୋଧର ଗରିଷ୍ଟେ । ୭ ।
ଧୃତରାଷ୍ଟ ବୋଇଲେ ଶୁଣିମା ମହାଗୁରୁ
କି ନିମନ୍ତେ କ୍ରୋଥ ଗତ କହିତ ନୁଆରୁ । ୮ ।

ଭୀଷ୍ମେ ବୋଇଲେ ଶୁଣ ତୁ ରାଜସୁତେ
ବଡ ଦୁଲଭ କଥା ତୋତେ କହିବା ୟେକାନ୍ତେ । ୯ ।
ଯୁଝେଷ୍ଠି ପୁଛାକଲେ ଭୀଷ୍ମଙ୍କ କୋଳେ ବସି
ମାତାୟେ ଆମ୍ଭର କେତେବେଳେ ହୋଇବେ ୟେଥେଂ ଆସି । ୧୦ ।
ଭୀଷ୍ମେ ବୋଇଲେ ବାବୁ ଆସୁଛନ୍ତି ପଛେ
ପୁଅନ୍ତ ଘେନିଗଲେ ସେ ଭୋଜନର ନିମନ୍ତେ । ୧୧ ।
ଭୀଷ୍ମେ ୟେକାନ୍ତେ କହିଲେ ଧୃତରାଷ୍ଟଙ୍କୁ
ଆହୋ କୁରୁନାଥ ବିପତ୍ତି ପଡିଲା ପଣ୍ଡୁଙ୍କୁ । ୧୨ ।
ଗାନ୍ଧାରୀ ଅନ୍ଧପଟଳ ବାନ୍ଧିବାକ ଶୁଣି
ପୁତ୍ରନ୍ତ ଘେନି ୟେଥକୁ ଅଇଲେ କୋନ୍ତ ଭୋଜର ଦୁଲଣୀ । ୧୩ ।
ପଣ୍ଡୁ ତେଣେ ମୁରୁଛି ନ ପାରିଲେ ଶୃଙ୍ଗାର
ମଦନାର ତୁଲେ ବଢିଲ ପ୍ରିୟ ଭାବ ଅପାର । ୧୪ ।
ଯାହା ସେ ଶାପ ଦିଲେ ଅଗ୍ନିକାର ମହରଷି
ଓହୋକୁଳ ଶୃଙ୍ଗାର କରନ୍ତେଣ ମହାନିଶି । ୧୫ ।
ମହାତ୍ମାର ଶାପ ନ ପାରିଲା ମେଣ୍ଟି
ଅନ୍ତରୀଛେ ନାରାଜ ପଡିଲା ଦୁହିଙ୍କର ଶରୀର ଗଲା ଫୁଟି । ୧୬ ।
ପଣ୍ଡୁ ମାଦ୍ରୀ ଦୁହେଂ ହାଦେ ନାଶ ଗଲେ
ସେ ସମୟେ ସଇନ୍ଦୁ ପୁତ୍ରେକ ଜନ୍ମିଲେ । ୧୭ ।
ଅଶ୍ୱିନୀ କୁମାର ତାକୁ ପ୍ରାଣଦାନ କଲା
ସହଦେବ ବୋଲି ସେହୁ ପୁତ୍ର ନାମ ଦିଲା । ୧୮ ।
ଆମ୍ଭେ ଯାଇ ପ୍ରବେଶ ହୋଇଲୁ ଶତଶିଂଗେ
ଦେଖିଲୁ ପଣ୍ଡୁଙ୍କ ୟେସନକ ବିଯୋଗେ । ୧୯ ।
କୁମାର ଗୋଟିକି ସମ୍ଭାଳି ଥିଲେ ବିଶ୍ୱଦେବାୟେ
କୋଇନ୍ତାଙ୍କର କୋଳେ ଆଣି ଦିଲେ ସେ ବାଳୁତ ତନୟେ । ୨୦ ।
ଅନେକ କ୍ରୋଧ ସେ କୋଇନ୍ତା ଦେବୀ କଲା
ପଣ୍ଡୁର ଅବସ୍ତା ଦେଖି କାହାର ଦେହ ନ ରହିଲା । ୨୧ ।

ଚିତା ବହ୍ନି ଆମ୍ଭେ କଲୁ ଆରୋପଣ
ପଣ୍ଡୁ ମାଦ୍ରୀଙ୍କି ଦହନ କଲୁ ତତକ୍ଷଣ । ୨୨ ।

କୋଇନ୍ତା ନ ଅଇଲେ ଶତଶିଂଗ ପର୍ବତୁଂ
ତାହାର ପୁଅନ୍ତ ଘେନି ଆମ୍ଭେ ଯିବୁଂ ୟେଥୁଂ । ୨୩ ।
ଭୀଷ୍ମଙ୍କର ମୁଖୁଂ ୟେସନକ ବାଣୀ ଶୁଣି
ଅନ୍ଧରାଜା ଶୋକ କଲା ମହାକ୍ରୋଧ ବାଣୀ । ୨୪ ।
ଧୃତରାଷ୍ଟ୍ର ରାୟେ ରାଇଲେ ଦେବୀ ଗାନ୍ଧାରୀକି
ଶତଶିଂଗ ପର୍ବତକୁ ଯିବା ଗୋ ପୁଅନ୍ତ ଘେନି ପଣ୍ଡୁଙ୍କୁ ଯେ ଦେଖି । ୨୫ ।
ସ୍ୱାମୀର ଅଗ୍ରତେ ଗାନ୍ଧାରୀ ବୋଇଲା
ମୋତେ ଲୁଚାଇବାର କିସ କାରଣ ହୋଇଲା । ୨୬ ।
ପଣ୍ଡୁ ନାଶ ଗଲାର ହୋଇଲାନି ପାଞ୍ଚଦିନ
ତହିଂକି ଯାଇ କିସ କରିବା ରାଜନ । ୨୭ ।
ଛାଡିଲେ ଆଶ ସେ ହୋଇଲେ ନିରାଶ
କ୍ରୋଧ କରିଣ ସେ କରନ୍ତି ଉପବାସ । ୨୮ ।
ପ୍ରେତ କାର୍ଯ୍ୟ କଲେ ସେ ରାଇଣ ପୁରୋହିତେ
ପୋୟେ ନ ଜାଣନ୍ତୁ ପ୍ରେତକାର୍ଯ୍ୟ କରାଅ ଗୁପତେ । ୨୯ ।
ଭୋ ଦେବ ଭୀଷ୍ମ ତୁମ୍ଭେ ବାହୁଡିଣ ଯିବା
କୋଇନ୍ତା କୁମର ଗୋଟିକି ଘେନିଣ ଆସିବା । ୩୦ ।
ଗାନ୍ଧାରୀ ବୋଇଲେ ମୁଂ ଯିବଇଂ ଶତଶିଂଗ ପରବତେ
କ୍ରୋଧ ଶାନ୍ତି କରାଇ କୋଇନ୍ତାଙ୍କୁ ଘେନି ଆସିବି ସାଥେ । ୩୧ ।
ପୋୟେଙ୍କର କ୍ରୋଧ ନ ଦେଖିବା ନିମନ୍ତେ
ଧୃତରାଷ୍ଟ୍ର ପ୍ରେତକାର୍ଯ୍ୟ କରାନ୍ତି ଗୁପତେ । ୩୨-୩୧୫୧ ।
***************